
ISSN 0973-3264

# ସପ୍ତର୍ଷି



## ତୃତୀୟ ସଂଖ୍ୟା - ୨୦୧୭

(ଜୁଲାଇ - ସେପ୍ଟେମ୍ବର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

Scanned with OKEN Scanner

## ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧- | ହଳଧରଙ୍କ କାବ୍ୟ-ଚାତୁର୍ଯ୍ୟ | ଡ. ଦ୍ୱାରିକାନାଥ ନାୟକ | ୧ |
| ୨- | ପୁଷ୍ପଗିରି ବୌଦ୍ଧ ବିହାର | ଡ. ଜଗନ୍ନାଥ ଜେନା | ୭ |
| ୩- | ଆଧୁନିକ ଓଡ଼ିଆ କାବ୍ୟ ବିମର୍ଶ : ଡଃ ନରେନ୍ଦ୍ରନାଥ ମିଶ୍ର, ଡଃ ନଟବର ସାମନ୍ତରାୟ, ଡଃ କ୍ଷେତ୍ରବାସୀ ନାୟକ - ଏକ ଅଧ୍ୟୟନ | ଡ. ବନମାଳୀ ବାରିକ | ୧୮ |
| ୪- | ଅତୃପ୍ତ ଆଲିଙ୍ଗନ ପାଖରୁ ତଲ୍ଲୀନ ନୀରବତାର କଥା : ସ୍ୱପ୍ନଯାତ୍ରା | ଡକ୍ଟର ଦିଲୀପ କୁମାର ସ୍ୱାଇଁ | ୨୩ |
| ୫- | ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ସରଳା ଦେବୀଙ୍କ ଅବଦାନ | ସବିତା ମଲିକ୍ | ୨୭ |
| ୬- | ସମାଜ ସଂସ୍କାରକ ଓ ହାସ୍ୟରସିକ ଫକୀରମୋହନ | ଡକ୍ଟର ଭଗବାନ ପଟେଲ | ୩୨ |
| ୭- | କବିପୁତ୍ର ଭଗବାନ ମେହେରଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱ | ଡକ୍ଟର ଶୁକମୁନି ମେହେର | ୩୭ |
| ୮- | କୋରାପୁଟର ଗଦବା ଜନଜାତି : ଏକ ଦୃଷ୍ଟିପାତ | ଡମ୍ବରୁଧର ବେହେରା | ୪୧ |
| ୯- | ସାରଳା ସାହିତ୍ୟରେ ଲୋକଧର୍ମ ଓ ଲୋକଦେବତା | ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ | ୪୪ |
| ୧୦- | କବି-କବିତାର ସମ୍ପର୍କ : ପ୍ରାଚ୍ୟ-ପାଶ୍ଚାତ୍ୟ ଚିନ୍ତନ ଓ ମଧ୍ୟକାଳୀନ ଓଡ଼ିଆ କାବ୍ୟ | କାହ୍ନୁଚରଣ ପାଢ଼ୀ | ୫୦ |
| | **ଗଳ୍ପ ବିଭାଗ :-** | | |
| ୧୧- | ସୀମା ଏପାରିର ବିଶ୍ୱାସ | ସ୍ନେହଲତା ନାୟକ | ୫୯ |
| ୧୨- | ଜ୍ୱାଳା | ଦେବରାଜ ସାହୁ | ୬୫ |
| | **କବିତା ବିଭାଗ :-** | | |
| ୧୩- | ବଣ, ନଈ, ଜଳଯାତ୍ରା | ଶରତ ଚନ୍ଦ୍ର ନାୟକ | ୭୦ |
| ୧୪- | ପତ୍ନୀ ସହ ଛୁଟି ଦିନେ | ଶମ୍ଭୁନାଥ ଦାସ | ୭୧ |
| ୧୫- | ଚକ୍ରବ୍ୟୂହ | ଗିରିଜା ଶଙ୍କର ଶର୍ମା | ୭୨ |


Scanned with OKEN Scanner

# କବିପୁତ୍ର ଭଗବାନ ମେହେରଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱ

## (କବିପୁତ୍ର ଭଗବାନ ମେହେରଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ)

ଡକ୍ଟର ଶୁକମୁନି ମେହେର

ଓଡ଼ିଶାର ସାରସ୍ୱତ ସାହିତ୍ୟାକାଶରେ ଜଣେ ଅମ୍ଳାନ ନକ୍ଷତ୍ର ଭାବରେ ସ୍ୱଭାବକବି ଗଂଗାଧର ମେହେର ଯେଭଳି ପ୍ରତିଭାତ ହୁଅନ୍ତି, ତାଙ୍କର ଉତ୍ତର ଦାୟାଦ ଭାବରେ କବିପୁତ୍ର ଭଗବାନ ମେହେର ଓଡ଼ିଶାର ଅଗଣିତ କବି, ଲେଖକ, ପାଠକ ଓ ସୁଧୀସଜ୍ଜନଙ୍କ ନିକଟରେ ନିଜ ପିତାଙ୍କ ପରି ଏକ ସ୍ୱତନ୍ତ୍ର ଅଥଚ ମହତ୍ତ୍ୱପୂର୍ଣ୍ଣ ପରିଚୟଟିଏ ସୃଷ୍ଟି କରିପାରିଛନ୍ତି । ଭଗବାନ ମେହେର କବି ଗଂଗାଧରଙ୍କ ସୁଯୋଗ୍ୟ ସନ୍ତାନ ଭାବରେ କେବଳ ନୁହେଁ, ନିଜର ଚରିତ୍ରବତ୍ତା, ଆଦର୍ଶ ବ୍ୟକ୍ତିତ୍ୱ, ନିରନ୍ତର ସାହିତ୍ୟସାଧନା ବଳରେ ତଥା ଆପଣାର ସ୍ୱଭାବ ସୁଲଭ ନମ୍ର, ଧୀର, ଶାନ୍ତ ଗୁଣାବଳୀ ଯୋଗୁଁ ଓଡ଼ିଶାର ଅନେକ ସାହିତ୍ୟିକ ଓ ସଂସ୍କୃତିସମ୍ପନ୍ନ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା, ରାଜନୀତି, କୃଷି, ଅର୍ଥନୀତି, ଜାତୀୟ ମୁକ୍ତି ସଂଗ୍ରାମର କାହାଣୀ ଆଦି ଏଇ ଭଳି ଦେଶବିଦେଶର ନାନାଦି ପ୍ରସଙ୍ଗ ଆଲୋଚନା ହୁଏ କବିପୁତ୍ର ଭଗବାନ ମେହେରଙ୍କ ଘରେ । ସେଠି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକ, ବିଶିଷ୍ଟ କଥାଶିଳ୍ପୀ ୱରାମପ୍ରସାଦ ସିଂହ, ପ୍ରବୀଣଶିକ୍ଷକ, ସଂଗଠକ ଓ ସମାଜସେବୀ ଭାଗୀରଥି ପୂଜାରୀ, ବିଶିଷ୍ଟ ଚିତ୍ରଶିଳ୍ପୀ ବୀରବର ସାହୁ, ପ୍ରଖ୍ୟାତ ଐତିହାସିକ ଡଃ ନବୀନ କୁମାର ସାହୁ, ସାହିତ୍ୟସଂସ୍କୃତିପ୍ରାଣ ୱବଳିଷ୍ଠ ପ୍ରଧାନ, ବିଶିଷ୍ଟ ରାଜନୀତିଜ୍ଞ ୱନିକୁଞ୍ଜ ବିହାରୀ ସିଂହ ତଥା ପ୍ରଖ୍ୟାତ ହିନ୍ଦୀ କବି ୱପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ପଣ୍ଡିତ ରାଘବ ମିଶ୍ର ପ୍ରମୁଖ । କବି ଗଂଗାଧରଙ୍କ ଏକାନ୍ତ ଅନୁଗାମୀ ଓ ପିତାଙ୍କ ସେବାରେ ଆଜୀବନବ୍ରତୀ ହୋଇ ପିତାଙ୍କ ପାଣ୍ଡୁଲିପିରୁ ଚାରୁଲିପି ପ୍ରସ୍ତୁତ କରୁଥିଲେ । କବି ଗଂଗାଧର ରାତିରେ ଶୋଇଥିବାବେଳେ ଯଦି କୌଣସି ରାତି ନିଦରୁ ଉଠି କିଛି ଲେଖିଯାଇଥିବେ, ସେ ସକଳ ଲେଖାର ପ୍ରତିଲିପି ପ୍ରସ୍ତୁତ କରୁଥିଲେ କବିପୁତ୍ର ଭଗବାନ ମେହେର । କବି ଗଂଗାଧରଙ୍କ ପ୍ରତିଲିପି ପ୍ରସ୍ତୁତ କରୁ କରୁ ସେ ମଧ୍ୟ କବିତା ରଚନାରେ ମନୋନିବେଶ କଲେ । ଏକ ପକ୍ଷରେ କବି ଗଂଗାଧରଙ୍କ ସମଗ୍ର କାବ୍ୟକବିତା ରଚନାର ପ୍ରତିଲିପି ପ୍ରସ୍ତୁତିପୂର୍ବକ 'ଗଂଗାଧର ଗ୍ରନ୍ଥାବଳୀ ପ୍ରକାଶନ' ଓ ତହିଁ ପୁଣି ଆପଣାର ହୃଦୟର ଭାବ, ଉପଲବ୍ଧି ଓ ଉଦ୍‌ବେଳନକୁ କବିତାରେ ରୂପାୟନ, ଅସଂପୂର୍ଣ୍ଣ 'ପଦ୍ମିନୀ' କାବ୍ୟକୁ ସଂପୂର୍ଣ୍ଣ କରିବାରେ, କାବ୍ୟକବିତାର ଚାରୁଲିପି ପ୍ରସ୍ତୁତିରେ ଓ ପିତାଙ୍କ ପ୍ରାମାଣିକ ଜୀବନୀଗ୍ରନ୍ଥ ପିତୃପ୍ରସଙ୍ଗ ରଚନା ଆଦିରେ ଭଗବାନ ମେହେର ଜୀବନର ଅଧିକାଂଶ ସମୟ ଅତିବାହିତ ହୋଇଥିଲା । ଏହା ବ୍ୟତୀତ କବି ଗଂଗାଧରଙ୍କ ସ୍ମୃତିରକ୍ଷାରେ ବରପାଲିର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ କ୍ରମେ କବି ଗଂଗାଧରଙ୍କ ସମାଧିପୀଠ ନିର୍ମାଣ, ଗଂଗାଧରଙ୍କ ଆବକ୍ଷ ମାର୍ବଲ ପ୍ରତିମୂର୍ତ୍ତି ସ୍ଥାପନ, ଓ 'ଗଂଗାଧର ସ୍ମୃତିଭବନ' ନିର୍ମାଣ କାର୍ଯ୍ୟ ସଂପାଦନ କରିବାରେ ଗଭୀର ଆଗ୍ରହ ଓ ନିଷ୍ଠା ପ୍ରଦର୍ଶନ କରିଥିଲେ ।

କବିପୁତ୍ର ଭଗବାନ ମେହେରଙ୍କ କବିତା ସଂଚୟନ 'ଚୟନିକା'ରେ ସଂକଳିତ କବିତାମାନଙ୍କ ମଧ୍ୟରୁ ବର୍ଷା, ବସନ୍ତ, ସଂଧ୍ୟା, ବର୍ଷୋତ୍ସବ, ବୁଢ଼ାରଜା, ହୀରାକୁଦ, ବର୍ଷାକାଳୀନ ମହାନଦୀ ପ୍ରଭୃତି କବିତାରେ ପ୍ରକୃତିର ବିଚିତ୍ର ରୂପମାଧୁରୀର ଚିତ୍ର ଦେଖିବାକୁ ମିଳିଥାଏ । ବର୍ଷାର ଆଗମନ ଫଳରେ ଧରଣୀ ଶସ୍ୟଶ୍ୟାମଳା ହୁଏ, ଆକାଶରେ ଖଣ୍ଡ ଖଣ୍ଡ ମେଘ ଭାସିବୁଲେ । ନବ ଜଳରେ ହ୍ରଦ ସରୋବର ପୂରିଉଠେ; ନବଶ୍ୟାମ ରୂପେ ପୃଥ୍ୱୀ ଦିଶେ କେଡ଼େ ମନୋହର । କବିପୁତ୍ର ଭଗବାନ ମେହେରଙ୍କ 'ଚୟନିକା'ର ଦ୍ୱିତୀୟ କବିତା 'ବର୍ଷା'ରେ ଭୀମକାନ୍ତ ବେଶ ସାଜି ଆସିଥିବା ବର୍ଷାର ସୁମନୋହର ରୂପ ଭିତରେ କବିଙ୍କ

ଅତୀବ ସାବଲୀଳ ଭାବ ପ୍ରକାଶଭଙ୍ଗୀର ଅଭିନବତ୍ୱକୁ ପାଠକ ହୃଦୟଙ୍ଗମ କରିପାରେ । ବର୍ଷାର ମନୋଜ୍ଞ ଚିତ୍ର ଦେବାକୁ ଯାଇ କବିପୁତ୍ର ଭଗବାନ ଲେଖିଛନ୍ତି -

"ଭୀମକାନ୍ତ ବେଶ ସାଜି ସଂହନନେ
ଆସିଲା ବରଷା ଜୀମୂତ ବାହନେ ।
× × × ×
ତୃଣ୍ୟ ଶସ୍ୟାଙ୍କୁରେ ଧରଣୀ ଶ୍ୟାମଳ
ଶ୍ୟାମଳ ଗଗନେ ଚଳ ମେଘ ଦଳ ।
ନବଜଳେ ପୂରି ହ୍ରଦ ସରୋବର
ନବଶ୍ୟାମ ରୂପେ ଦିଶେ ମନୋହର ।
× × × ×
ଧନ୍ୟ ବର୍ଷା ତୋର ରୀତି କି ସୁନ୍ଦର
ବାହ୍ୟେ ରୁଦ୍ରମୂର୍ତ୍ତି ଅନ୍ତେ ମନୋହର ।"

ସ୍ୱଭାବକବି ଗଙ୍ଗାଧର ପ୍ରକୃତିର ନିସର୍ଗ ଚିତ୍ର ପ୍ରଦାନରେ ଯେଭଳି ଥିଲେ ସିଦ୍ଧହସ୍ତ, ସେହିଭଳି କବିପୁତ୍ର ଭଗବାନ ମେହେରଙ୍କ କବିତାର ପଦପଙ୍କ୍ତିରେ ପ୍ରକୃତିର ନିସର୍ଗ, ଅପୂର୍ବ ମହିମାମଣ୍ଡିତ ରୂପ ସରସ ଓ ସାର୍ଥକ ଭାବେ ଚିତ୍ରିତ ।

"ଘିଡ଼ି ଘିଡ଼ି ଘିଡ଼ି ଘିଡ଼ି ଜଳଦଗର୍ଜନ
ସର ସର ସର ବହେ ପ୍ରଖର ପବନ" ବର୍ଣ୍ଣନାରେ

କବି ଗଙ୍ଗାଧରୀୟ ଶୈଳୀ ଓ ପ୍ରକୃତି ବର୍ଣ୍ଣନାର ଅପୂର୍ବ କଳା ପାଟବତା ଲକ୍ଷ୍ୟ କରିହୁଏ ।

ନିସର୍ଗ ପ୍ରକୃତିର ଅପୂର୍ବ ଚିତ୍ରକୁ ଜୀବନ୍ତ ରୂପ ପ୍ରଦାନ କରିବାରେ କବିବର ଗଙ୍ଗାଧର ଯେଭଳି ସିଦ୍ଧହସ୍ତ, ସେହିଭଳି କବିପୁତ୍ର ଭଗବାନଙ୍କ କବିତାରେ ପ୍ରକୃତିର ଅପରୂପ ଶୋଭା ଉପଯୁକ୍ତ ଶବ୍ଦ ବିନ୍ୟାସରେ ସାର୍ଥକ ବିମଣ୍ଡିତ ।

ଋତୁସମ୍ରାଟ ବସନ୍ତର ଆଗମନରେ ପ୍ରକୃତିର ଅପୂର୍ବ ଭାବ ସୁଷମାକୁ କବିପୁତ୍ର ଭଗବାନଙ୍କ 'ବସନ୍ତ' କବିତାରେ ଅନୁଭବ କରିହୁଏ । ବସନ୍ତ ଋତୁ ବର୍ଣ୍ଣନାରେ କବିପୁତ୍ରଙ୍କ ଉଚ୍ଛ୍ୱସିତ ଭାବର ଅପୂର୍ବ କାବ୍ୟରୂପ ପ୍ରକାଶିତ । ନିମ୍ନୋକ୍ତ କବିତାର ପଦ ପଙ୍କ୍ତି ଦ୍ରଷ୍ଟବ୍ୟ -

"ନିଜ ଦଳ ବଳ ସଙ୍ଗରେ ଘେନି ଋତୁ ରାଜନ
ଧରଣୀ ମଣ୍ଡଳେ କରନ୍ତି ଏବେ ଶୁଭାଗମନ ।
× × × ×
ଲାଗିଗଲା ବନେ ଉଦ୍ୟାନେ ଏବେ ମଧୁ ଉତ୍ସବ
ମଧୁରେ ଶୁଭିଲା ବିହଙ୍ଗ କଣ୍ଠ ସଂଗୀତ ରବ ।
ମଧୁ ଖାଇ ଖାଇ ମଧୁପ କଲା ବୀଣା ବାଦନ
କୁସୁମ ତଳପେ ଧରଣୀ ବକ୍ଷ ହେଲା ଶୋଭନ ।
ବସନ୍ତ ମାଧୁରୀ ଦର୍ଶନେ ହୋଇ ଅତି ଉଲ୍ଲାସ
ବନଭୂମି କରି ଶୋଭିତ ମୃଗେ ରଚିଲେ ଲାସ୍ୟ ।"

ସ୍ୱଭାବକବି ଗଙ୍ଗାଧରଙ୍କ ଦୃଷ୍ଟିରେ ମହତୀ ମଣିଷର ଚେତନା କେତେ ଯେ ଅନାବିଳ, ପବିତ୍ର ଓ ଉଦାର 'ମହିମା'ର ପ୍ରତିଟି ପଦପଙ୍କ୍ତି ହେଉଛି ତାହାର ଏକ ଏକ ମହିମ୍ନ ଦୃଷ୍ଟାନ୍ତ । କବିପୁତ୍ର ଭଗବାନ ମେହେରଙ୍କ ଅନ୍ୟ ଏକ କବିତା 'ମହତ୍ତ୍ୱ'ରେ ମଣିଷ ମନର ଚାରିତ୍ରିକ ବୈଶିଷ୍ଟ୍ୟ ସଂପର୍କରେ ଉଲ୍ଲିଖିତ ।

"ମନର ସହିତ ବାସ କରଇ ମହତ୍ତ୍ୱ
ଏକତ୍ର ସୁଗନ୍ଧ ପୁଷ୍ପେ ସୌରଭ ସ୍ୱରୂପ
× × × ×
ମହତ୍ତ୍ୱ ଦାସତ୍ୱ ଶ୍ରେୟ, ଅଶେଷ ଧନର-
ଅଧୀଶ୍ୱର ହେବାଠାରୁ । କୁକ୍‌କୁଟ ମୁକୁଟ
ହେବ କାହିଁ ତୁଲ୍ୟ କେବେ ମୟୂର ପୁଚ୍ଛରେ ?
ଚନ୍ଦନ ସ୍ପରଶେ କାହିଁ ବାସିବ ପଲାଶ ?"

ମଣିଷର ଚାରିତ୍ରିକ ବୈଶିଷ୍ଟ୍ୟକୁ ଅନୁଧ୍ୟାନ କରିବାରେ ଗଙ୍ଗାଧର ଥିଲେ ଯେମିତି ସିଦ୍ଧ, ଯୋଗୀ ପୁରୁଷ, ସେହିଭଳି ମଣିଷର ହାବଭାବ, ତା'ର ସ୍ୱଭାବସୁଲଭ ଗୁଣକୁ ଖୁବ୍ ନିକଟରୁ ଅନୁଧ୍ୟାନ କରିବାରେ ସୁନିପୁଣ ଥିଲେ କବିପୁତ୍ର ଭଗବାନ ମେହେର । ଖଳ ବା ବ୍ୟକ୍ତିର ପରିଚୟ କ'ଣ ? ଦେଖନ୍ତୁ ଦୃଷ୍ଟାନ୍ତ କବିପୁତ୍ରଙ୍କ ରଚନାରୁ -

"ଯେତେ ପ୍ରିୟବାଦୀ ହେଉ ସ୍ୱଭାବେ ଦୁର୍ଜନ
କେବେ କି ସେ ହୋଇପାରେ ବିଶ୍ୱାସ ଭାଜନ ?"

ବାସ୍ତବରେ ଯିଏ ନିଜର ସ୍ୱଭାବରେ ଦୁର୍ଜନ ବା ଖଳ ପ୍ରକୃତିର, ସିଏ ଯେତେ ମିଠା ମିଠା କଥା କହିଲେ ମଧ ତାକୁ ନିଜ ବିଶ୍ୱାସରେ ନେବା ହୁଏତ ବୋକାମୀର ପରିଚୟ

ହେବ । ତାକୁ କେବେହେଲେ ବିଶ୍ୱାସରେ ନିଆଯାଇପାରିବ ନାହିଁ କିମ୍ବା ସେ କାହାରି ବିଶ୍ୱାସଭାଜନ ହୋଇପାରିବ ନାହିଁ । ତେଣୁ ଖଳ ମଣିଷ ସଂବନ୍ଧରେ ତାଙ୍କର ଧାରଣା ଯେ କେତେ ସ୍ପଷ୍ଟ, ତାହା ଏହି ପଦପଂକ୍ତିରୁ ଉପଲବ୍ଧି କରିହୁଏ ।

ଭଗବାନ ମେହେରଙ୍କ କବିତାଗୁରୁ 'ଚୟନିକା'ର ଏକ ଆବେଗପୂର୍ଣ୍ଣ ଛଳଛଳ ପ୍ରାଣର କବିତା 'ମାତୃହୀନର ବିଳାପ' । କବିପୁତ୍ର ଭଗବାନ ମେହେର ଯେତେବେଳେ ୫ ବର୍ଷର ବାଳକ ସେତେବେଳେ ସେ ତାଙ୍କର ସ୍ନେହମୟୀ, କରୁଣାମୟୀ ମାଆ ଶାନ୍ତା ଦେବୀଙ୍କୁ ହରାଇଥିଲେ । ୧୮୯୭ ମସିହାରେ ବରପାଲିରେ ସଂକ୍ରାମକ ରୋଗ ବିସୂଚିକାରେ ଲୋକେ ଆକ୍ରାନ୍ତ ହେଲେ । ତହିଁରୁ ରକ୍ଷା ପାଇବାକୁ ଯାଇ କବି ଗଂଗାଧର ନିଜ ପରିବାରର ସମସ୍ତ ସଦସ୍ୟଙ୍କ ସହ ବରପାଲିଠାରୁ ୬ କିଲୋମିଟର ଦୂର 'ଭାବନଗୁଡ଼ା'ରେ ଆଶ୍ରୟ ନେଇଥିଲେ । ସେଇଠି ଭୟଙ୍କର ବିସୂଚିକା ରୋଗରେ ଶାନ୍ତାଦେବୀ ଇହଧାମ ତ୍ୟାଗ କଲେ । କବିପୁତ୍ର ଭଗବାନ ମେହେର ନିଜ ପିତାଙ୍କୁ ଯେତିକି ଭକ୍ତି ଓ ସମ୍ମାନ ଜଣାଉଥିଲେ; ନିଜ ମାଆଙ୍କୁ ମଧ୍ୟ ସେ ଖୁବ୍ ଭଲ ପାଉଥିଲେ ଓ ବାଲ୍ୟକାଳରେ ମାତୃବିୟୋଗ ଘଟିଥିବା ହେତୁ ମାଆଙ୍କ ସ୍ନେହମୟୀ ଛାୟାମୂର୍ତ୍ତିକୁ ବାରଂବାର ତାଙ୍କ ସ୍ମୃତିରେ ଆଣୁଥିଲେ ଏବଂ ରଚନା କରିଥିଲେ 'ମାତୃହୀନର ବିଳାପ' । ସେ ଲେଖିଲେ 'ମାତୃହୀନର ବିଳାପ'ରେ -

"ଭବେ କେ ଅଛି ଅବା ଏମନ୍ତ ଜନ,
ଜନନୀ ପଦକୁ ମୋ ହେବ ଭାଜନ
ସସ୍ନେହେ ବସାଇବ କୋଳକୁ ନେଇ
ଭାଷିବ ଭାଷା, ମୁଖେ ଚୁମ୍ବନ ଦେଇ ।୧।
କା' ପ୍ରାଣ ହେବ ମୋହ ପାଇଁ କାତର,
ନୟନୁ ହେବି ଯଦି ତିଳେ ଅନ୍ତର,
ଟାକି ରହିବ ବସି ମୋ ପଥ ଚାହିଁ,
ମୋ ଠାରୁ ଅଗ୍ରେ ଅନ୍ନ ଛୁଇଁବ ନାହିଁ ।୨।"

ସ୍ନେହମୟୀ ମାଆର କୋମଳ ହାତର ସ୍ପର୍ଶରେ ଓ ମଧୁର-ମିଠା କଥାଭାଷାରେ ସନ୍ତାନର ସକଳ ଦୁଃଖ କିପରି ଅପସରିଯାଏ, ସନ୍ତାନର ଅନୁପସ୍ଥିତିରେ ସକଳ ବିଭବ କିଭଳି ନିରର୍ଥକ ମଣେ ମାଆର ହୃଦୟ ତା'ର ନିଛକ ପରିପ୍ରକାଶ ଘଟିଛି କବିତାଟିରେ । କବିପୁତ୍ର ଭଗବାନ ମେହେରଙ୍କ 'ମାତୃହୀନର ବିଳାପ' କବିତାରେ ମାତୃହୃଦୟର ଗଭୀର ମଧୁର ଅନୁରାଗ, କୋମଳ ଭାବର ମଧୁର ରାଗିଣୀରେ ପାଠକ ହୃଦୟକୁ ଆପ୍ଲୁତ କରିଥାଏ । ଭଗବାନ ମେହେରଙ୍କ ଏଭଳି ରଚନା ଓଡ଼ିଆ ସାହିତ୍ୟରେ ଏକ ଉଲ୍ଲେଖନୀୟ କୃତି, ଏକ ଉଚ୍ଚକୋଟୀର ସୃଷ୍ଟି କହିଲେ ହୁଏତ ଅତିଶୟୋକ୍ତି ହେବ ନାହିଁ ।

ସେହିଭଳି ତାଙ୍କର ଅନ୍ୟ ଏକ କବିତା 'ହେ ଜଗତପତି' । ସକଳ ଦୁଃଖ ମଧ୍ୟ ଦେଇ କବି ଗଂଗାଧରଙ୍କ ଜୀବନ ଅତିବାହିତ ହୋଇଥିଲେ ସୁଦ୍ଧା ସେ ଜୀବନକୁ ଓ ଜଗତକୁ ଏକ ମଧୁମୟ, ଅମୃତମୟ ଦୃଷ୍ଟି ନେଇ ଦେଖିଛନ୍ତି ଓ ତାକୁ ହିଁ ସାହିତ୍ୟରେ ରୂପାୟିତ କରିଛନ୍ତି । ଈଶ୍ୱର ଉପଲବ୍ଧି ଯେମିତି ତାଙ୍କ ସାହିତ୍ୟର ଛତ୍ରେ ଛତ୍ରେ ପ୍ରତିଫଳିତ ହୋଇଛି ଚମତ୍କାର ଭାବରେ ଠିକ୍ ସେହିପରି କବିପୁତ୍ର ଭଗବାନ ମେହେରଙ୍କ ଅନ୍ତରର ଉପଲବ୍ଧିର ନିଛକ କାବ୍ୟିକ ଆବେଦନ ହେଉଛି 'ହେ ଜଗତପତି' କବିତା ।

"ଦେଖୁଛି ହେ ହରି, ବିରାଜୁଛୁ ତୁମ୍ଭେ ପ୍ରାଣୀଗଣ ପ୍ରାଣେ ପ୍ରାଣେ,
ବନଉପବନେ, ପଲ୍ଲବ ପ୍ରସୂନେ କୋକିଳର କୁହୂତାନେ ।
ରବି ଶଶୀ ତାରା ତୁମ୍ଭରି ଆଭାରେ ହୁଏ ସଦା ପ୍ରଦୀପିତ,
ଅନଳ ଅନୀଳ ଗଗନ ମଣ୍ଡଳ ମଧ୍ୟେ ତୁମ୍ଭେ ଅଧିଷ୍ଠିତ ।"

କେବଳ ମଣିଷ ନୁହେଁ, ଦୃଶ୍ୟମାନ ସକଳ ଜଗତ ଈଶ୍ୱରଙ୍କ ମହିମାମୟ ରୂପ ବିଗ୍ରହର ଏକ ସ୍ୱରୂପ । ଈଶ୍ୱର ସର୍ବତ୍ର ଅଧିଷ୍ଠିତ । ସବୁରି ଭିତରେ, ସବୁରି ରୂପରେ, ଜଗତର ପ୍ରତ୍ୟେକଟି ବସ୍ତୁ ଭିତରେ ଈଶ୍ୱରଙ୍କ ସତ୍ତା ବିଦ୍ୟମାନ । ସେଥିପାଇଁ ଆର୍ଯ୍ୟ ମୁନି-ଋଷିଙ୍କ ପ୍ରତିଷ୍ଠିତ ଭାରତବର୍ଷରେ ପ୍ରତ୍ୟେକ ଭାରତୀୟଙ୍କ ପ୍ରାର୍ଥନା -

"O' my God, open my mind, my heart, my life to your light, your love, your power. In all things may I see the Devine."

ହେ ମୋର ପରମ ପ୍ରଭୁ । ମୋର ମନ, ମୋର ହୃଦୟ, ମୋର ଜୀବନକୁ ତୁମର ଆଲୋକ, ତୁମର ପ୍ରେମ, ତୁମର

ଶକ୍ତି ପ୍ରତି ଖୋଲି ଧର, ଯେପରିକି ପ୍ରତ୍ୟେକ ବସ୍ତୁରେ ମୁଁ ଈଶ୍ୱରଙ୍କୁ ଦେଖିପାରେ ।

କବିପୁତ୍ର ଭଗବାନ ମେହେର ମଧ ବିଶ୍ୱସ୍ରଷ୍ଟା, କରୁଣାସାଗର, ମଙ୍ଗଳମୟ ବିଶ୍ୱଜୀବନଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ ପୂର୍ବକ ତାଙ୍କରି ଦିବ୍ୟାଲୋକରେ ଜୀବନ ଉଦ୍‌ଭାସିତ ହେଉ ବୋଲି ପ୍ରାର୍ଥନା ଜଣାଇଛନ୍ତି । ପିତା କବିବର ଗଙ୍ଗାଧର ମେହେରଙ୍କ ପଦାଙ୍କ ଅନୁସରଣ କରି କବିପୁତ୍ର ଭଗବାନ ମେହେର ନୀରବ ଭାବରେ ସାହିତ୍ୟ ସାଧନା କରି ଅନେକ ପଦ୍ୟ ଓ ପ୍ରବନ୍ଧ ରଚନା କରିପାରିଥିଲେ । ତାଙ୍କର କବିତାଗୁଡ଼ିକ ସେବା, ଉତ୍କଳମଧୁପ, ଆଶା, ହୀରାଖଣ୍ଡ, ସଂବଲପୁର ହିତୈଷିଣୀ ଆଦି ପତ୍ରିକାମାନଙ୍କ ପୃଷ୍ଠାମଣ୍ଡନ କରୁଥିଲା । ସଂଧ୍ୟା, ବର୍ଷା, ବସନ୍ତ, ବର୍ଷୋତ୍ସବ ଆଦି କବିତା ଭଳି ବୀଜବୃକ୍ଷ, ମାନବ ଓ ମୃତ୍ୟୁ, ହୀରାକୁଦ, ବୁଢ଼ାରଜା, ଶରଣ, ନବଜୀବନ, ଜଗତଈଶ୍ୱର, ପ୍ରାର୍ଥନା, ସ୍ୱାଧୀନଭାରତ, ମର୍ତ୍ତ୍ୟ ଦେବତା, ମହତ୍ତ୍ୱ, ଚନ୍ଦ୍ର, ସୂର୍ଯ୍ୟ, ଜଳଦ, ବର୍ଷାକାଳୀନ ମହାନଦୀ, ବଡ଼ ସାନ, ବିନୟ ପ୍ରାର୍ଥନା, ମାଗୁଣି, ପରିଚୟ, ହେ ଜଗତପିତା ପ୍ରଭୃତି କବିପୁତ୍ର ଭଗବାନଙ୍କ ସୃଷ୍ଟିର ଏକ ଏକ ଉଚ୍ଚକୋଟୀର, ରସଘନ ମାର୍ମିକ କବିତା ।

ପିତାଙ୍କ ସଂପର୍କରେ ପ୍ରାମାଣିକ ଜୀବନୀ ପୁସ୍ତକ 'ପିତୃପ୍ରସଂଗ', ଅସଂପୂର୍ଣ୍ଣ 'ପଦ୍ମିନୀ' କାବ୍ୟଗ୍ରନ୍ଥକୁ ସଂପୂର୍ଣ୍ଣ କରିବା ଏବଂ 'ଚୟନିକା' କବିତାଗ୍ରନ୍ଥ ରଚନା ଫଳରେ କବିପୁତ୍ର ଭଗବାନ ମେହେର ନିଜର ମୌଳିକ ପ୍ରତିଭାର ପରିଚୟ ପ୍ରଦାନ କରିପାରିଛନ୍ତି । ନିଜସ୍ୱ ପ୍ରତିଭା ଥିଲେ ମଧ ସେ କେବେ ସୁଦ୍ଧା ନିଜ ପ୍ରତିଭାର ପ୍ରତିଷ୍ଠା ପାଇଁ ପ୍ରସାର କରିନାହାନ୍ତି । ପିତାଙ୍କର ସାହିତ୍ୟିକ ପ୍ରତିଭାର ବିକାଶ ଓ ପ୍ରଚାର ପ୍ରସାର ଲାଗି ସେ ଯେତେ ଯତ୍ନଶୀଳ ଥିଲେ, ପିତାଙ୍କ ସ୍ମୃତିରକ୍ଷା ଓ ପ୍ରତିଭାପୂଜା ସକାଶେ ସେତିକି ଥିଲେ ଉତ୍ସର୍ଗୀକୃତ ।

କବିପୁତ୍ର ଭଗବାନ ମେହେର ନିଜ ପିତାଙ୍କୁ ଦେବତାତୁଲ୍ୟ ଭକ୍ତି କରୁଥିଲେ ଓ 'ରାମଚନ୍ଦ୍ର କେ କାଜ ସଁବାରେ' ହନୁମାନଙ୍କ ପରି ପିତାଙ୍କ ସକଳକାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିବାରେ ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଥିଲେ ।

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସଂବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର



Scanned with OKEN Scanner